# ସଖି ଗୋ

ତୁମେ କି ଗୋ ସଖି ମୁଗ୍ଧା ମାନସୀ
ମନ କବିତାର ଛନ୍ଦ
ତନୁ ମନ୍ଦିର ମୁଗ୍ଧ ନିକ୍ୱଣେ
କବି ପ୍ରାଣେ ସୃଜ ଦ୍ୱନ୍ଦ୍ୱ ।
କୁହବାରେ ସଖି ପ୍ରଣୟ ବିଥିରେ
ତନ୍ଦ୍ରା କାହିଁକି ଆସେ
ରୂପ ତଟିନୀର ଶୁଭ୍ର ବାରିରେ
ତନୁ ମନ କାହିଁ ଝାସେ ?
ଶ୍ୱେତ ବଳାହକ ଆକାଶ ତନୁରେ
ସୁରମ୍ୟ ପସରା ବାଢ଼େ
ନୀଳ ସାଗରର ବାଲୁକା ବେଳାରେ
ଶିଳ୍ପୀ କାହିଁ କଳା ଗଢ଼େ ?
ସବୁଜ ବନାନୀ ସ୍ନିଗ୍ଧ ପ୍ରାନ୍ତରେ
ହରିତ ଦୁର୍ବାଦଳେ
କାହିଁ ଗନ୍ଧବହ ଅବାଚୀ ଅୟନେ
ମନ୍ଦ୍ର ନିନାଦ ତୋଳେ ?
ମଧୁର ଭାଷାର ଚିନ୍ମୟରାଗେ
ଉନ୍ମେଷ ଭାବ ତୋଳି
ମୃଦୁ ମଧୁର ସେ ମଳୟର ତାନେ
ଭାବନାର ଭାଷା ମେଲି ।
ତୁମ ସୁରଭିରେ ମହକାଇ ଦିଅ
ମନ ଅଙ୍ଗନ ମୋର
ବାହୁ ବନ୍ଧନେ ଆଶ୍ଳେଷ ଦେଇ
ହୃଦ ସଂତାପ ହର ।